## ସାରାଂଶ

# ଖାଦ୍ୟ ନିରାପତ୍ତା ଓ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀତ୍ୱ ହାସଲ ନିମନ୍ତେ ସ୍ୱେଚ୍ଛାକୃତ ମାର୍ଗଦର୍ଶିକା



ପ୍ରକାଶକ:

**ଅନ୍ତରାଷ୍ଟ୍ରୀୟ ମିଳିତ ମତ୍ସ୍ୟକ୍ଷେତ୍ର ସହାୟତା (www. icsf.net)**

୨୭ କଲେଜ ରୋଡ଼, ଚେନ୍ନାଇ - ୬୦୦ ୦୦୬, ଭାରତ

ଫୋନ୍: (୯୧) ୪୪-୨୮୨୭୫୩୦୩, ଫ୍ୟାକ୍ସ: (୯୧) ୪୪-୨୮୨୫୪୪୫୭

Email: icsf@icsf.net

Website: www.icsf.net

ଆଇସିଏସ୍ଏଫ୍ ସମଗ୍ର ବିଶ୍ୱର ମତ୍ସ୍ୟଜୀବିଙ୍କ ସଂମ୍ବନ୍ଧିତ ପ୍ରସଙ୍ଗରେ କାର୍ଯ୍ୟକରୁଥିବା ଏକ ଅନ୍ତରାଷ୍ଟ୍ରିୟ ସଂସ୍ଥା ଅଟେ। ଏହାର ଅବସ୍ଥିତି ସଂଯୁକ୍ତରାଷ୍ଟ୍ରର ଆର୍ଥିକ ଓ ସାମାଜିକ ପରିଷଦରେ ଏବଂ ଆଇଏଲଓ ର ଅଣସରକାରୀ ଅନ୍ତରାଷ୍ଟ୍ରିୟ ସଂଗଠନର ସ୍ୱତନ୍ତ୍ର ସୂଚୀରେ ରହିଛି। ଏହାକୁ ଏଫଏଓ ସହିତ ସଂପର୍କ କରିବାର ମଧ୍ୟ ସୁଯୋଗ ପ୍ରାପ୍ତ ଅଟେ। ସାମୁଦାୟୀକ ଅୟୋଜକ, ଶିକ୍ଷକ, ବୈଷୟୀକବିଜ୍ଞାନୀ, ଗବେଷକ ଏବଂ ବୈଜ୍ଞାନୀକମାନଙ୍କର ବୌଦ୍ଧିକ ସଂପର୍କ ସ୍ଥାପକ ରୂପେ ଆଇସିଏସ୍ଏଫ୍‌ର ଗତିବିଧିକୁ ନିରିକ୍ଷଣ କରିବା ଓ ଗବେଷଣାତ୍ମ ଜ୍ଞାନର ଆଦାନ ପ୍ରଦାନ ଓ ପ୍ରଶିକ୍ଷଣ ଅଭିଯାନ ଏବଂ ସମୁଦାୟ ସହିତ କାର୍ଯ୍ୟ ଓ ସଂଘର୍ଷରେ ସାମିଲ ଅଟେ।

ସହଯୋଗ:

**ବେ୍ ଅଫ୍ ବେଙ୍ଗଲ ଲାର୍ଜ ମାରାଇନ ଇକୋସିଷ୍ଟମ (ବେ୍ ଓ ବି ଏଲ୍ ଏମ୍ ଇ) ପ୍ରୋଜେକ୍ଟ**

ଫୁକେତ, ଥାଇଲାଣ୍ଡ

ବାଙ୍ଗାଲାଦେଶ, ଇନ୍‌ଡୋନେସିଆ, ମାଲେସିଆ, ମାଳଦ୍ୱୀପ, ମାଇନ୍‌ମାର, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ ପ୍ରୋଜେକ୍ଟର ମାଧମରେ ବଙ୍ଗାଳର ଖାଡିର ପରିବେଶ ଏବଂ ଏହାର ମତ୍ସକ୍ଷେତ୍ରର ସ୍ଥାନୀୟ ସଂରକ୍ଷଣକୁ ସୁଧାରିବା ଦ୍ୱାରା ତଟ ଦେଶର ଜନସମୁଦାୟର ଜୀବନକୁ ଉନ୍ନତ କରିବାରେ ସହଯୋଗ କରୁଛି।

**୨୦୧୫**

ମୁଦ୍ରକ

ନମ୍ବର- ୧୩, ସ୍ୱାମୀ ନାଇକେନ୍ ଷ୍ଟ୍ରିଟ

ଚିନ୍‌ଟାଦ୍ରିପେଟ

ଚେନ୍ନାଇ ୬୦୦,୦୦୨

ଚିତ୍ରଣ ଏବଂ ଡ଼ିଜାଇନ୍ : ଅର୍ଜୁନ୍ ଶଙ୍କର

ଆଇଏସ୍‌ବିଏନ୍ ୯୭୮୯୩୮୦୮୦୨୪୬୬

ସାରାଂଶ

# ଖାଦ୍ୟ ନିରାପତ୍ତା ଓ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀତ୍ୱ ହାସଲ ନିମନ୍ତେ ସ୍ୱେଚ୍ଛାକୃତ ମାର୍ଗଦର୍ଶିକା

ଖାଦ୍ୟ ନିରାପତ୍ତା ଏବଂ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗରେ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟିତ୍ୱ ହାସଲ ନିମନ୍ତେ ଏହି ସ୍ୱେଚ୍ଛାକୃତ ମାର୍ଗଦର୍ଶିକା (ଏସ୍ଏସ୍ ଏଫ୍ ଗାଇଡଲାଇନ) ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ଅନୁପାଳିତ ଏବଂ ଏକ ଅନ୍ତରାଷ୍ଟ୍ରୀୟ ସାଧନ ଭାବେ ଜୁନ ୨୦୧୪ ରେ ଆନୁଷ୍ଠାନିକ ଭାବେ ଅନୁମୋଦିତ । ଏହି ଏସ୍.ଏସ୍.ଏଫ୍ ମାର୍ଗଦର୍ଶିକାର ବିଶେଷତା ଏହି ଯେ, ସମଗ୍ର ବିଶ୍ୱର କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକର୍ମୀ ସେମାନଙ୍କ ଦେଶର ମତ୍ସ୍ୟକ୍ଷେତ୍ରରେ ସେମାନଙ୍କ ସ୍ଥିତି ଏବଂ ଭୂମିକାର ବ୍ୟାପକ ସ୍ୱୀକୃତି ପାଇଁ କରିଥିବା ସୁଦୀର୍ଘ ସଂଘର୍ଷ ଇତିହାସର ଫଳସ୍ୱରୂପ ଏହି ମାର୍ଗଦର୍ଶିକାର ସୃଷ୍ଟି ।


ଯଦିଓ ବିଶ୍ୱରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ମତ୍ସ୍ୟ ଅର୍ଥନୀତିର ମେରୁଦଣ୍ଡ ଅଟେ, ତେବେ ମଧ୍ୟ ସେମାନେ ଅବହେଳିତ ହେବା ସହ ଅଧିକାଂଶ କ୍ଷେତ୍ରରେ ମତ୍ସ୍ୟକ୍ଷେତ୍ରଗୁଡିକର ଆଧୁନିକିକରଣ ପ୍ରକ୍ରିୟାରେ ଭେଦଭାବ ଯୋଗୁ ଉପେକ୍ଷିତ ହୋଇଥାନ୍ତି । ଏହି ଅବହେଳା ସତ୍ତ୍ୱେ ଏହି କ୍ଷେତ୍ର ତିଷ୍ଠି ରହିଛି ଏବଂ ଅଧିକାଂଶ ଦେଶରେ ସ୍ଥିତି ବେଶ ମଜବୁତ ହୋଇଛି ।

ଯାହା ବି ହେଉ, ଅନେକ ଦେଶରେ ମତ୍ସ୍ୟଧରାରେ ସେମାନଙ୍କ ସର୍ବାଧିକ ଅଂଶ ରହିଥିଲେ ମଧ୍ୟ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଧରାଗୋଷ୍ଠୀ ଦଶନ୍ଧି ଦଶନ୍ଧି ଧରି ଅବହେଳିତ ରହିବା ଫଳରେ କ୍ରମଶଃ ଗରିବ ଓ ସଂଖ୍ୟାଲଘୁ ହେବାରେ ଲାଗିଲେ ସେମାନଙ୍କ ସାମାଜିକ ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ମାନବିକ ଅଧିକାରରୁ ମଧ୍ୟ ବଞ୍ଚିତ ହେଲେ । ଏହି କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର (ଏସ୍ଏସ୍ଏଫ୍) ମାର୍ଗଦର୍ଶିକା ଉଭୟ ଖାଦ୍ୟ ଓ କୃଷି ସଂଗଠନ ସଦସ୍ୟ ରାଷ୍ଟ୍ରଗୁଡିକର ବାସ୍ତବସ୍ଥିତି ଏବଂ ଅନ୍ୟପକ୍ଷରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରକୁ ପୁନଃଶ୍ଚ ମତ୍ସ୍ୟକ୍ଷେତ୍ରର ବିକାଶ ଏବଂ ପରିଚାଳନାକୁ ନିର୍ଦ୍ଦିଷ୍ଟ ଭାବେ କେନ୍ଦ୍ରିତ କରାଯାଇ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରକୁ ପୁନଃସ୍ଥାପନା ନିମନ୍ତେ ପ୍ରୟାସ କରାଯାଇଛି ।

ଅନ୍ତରାଷ୍ଟ୍ରୀୟ ମିଳିତ ମତ୍ସ୍ୟକର୍ମୀ ନିମନ୍ତେ ସହାୟତା (ଆଇସିଏସ୍ଏଫ୍) ଏକ ଅଗ୍ରଣୀ ସାମାଜିକ ସଂଗଠନ ଯାହା ଯଥେଷ୍ଟ ଭାଗୀଦାରିତା ପ୍ରକ୍ରିୟାରେ ଏହି ମାର୍ଗଦର୍ଶୀକା ପ୍ରସ୍ତୁତ କରିବାରେ ସାଧନ ହୋଇଆସିଛି । ବାସ୍ତବରେ ଏହି ମାର୍ଗଦର୍ଶିକା ପ୍ରକାଶ୍ୟ ଭାବେ (ଖାଦ୍ୟ ଓ କୃଷି ସଂଗଠନ/ ମିଳିତ ଜାତିସଂଘ) ଏଫଏଓ /ୟୁନ୍ ଦ୍ୱାରା ଆଇ.ସି.ଏସ୍.ଏଫ୍ ର ନିର୍ବାହୀ ସେକ୍ରେଟାରୀ ଚନ୍ଦ୍ରିକା ଶର୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ହୋଇଅଛି, ଯେ କି ସାରା ବିଶ୍ୱରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକର୍ମୀମାନଙ୍କୁ ଅଧିକାର ନିମନ୍ତେ ମୁଖ୍ୟ ଭୂମିକା ନେଇଥିଲେ । ଗତ ୨୦୧୪ ମାର୍ଚ୍ଚରେ ମାଲେସିଆ ବିମାନ ଏମଏଚ-୩୭୦ ଫାଇଟ୍ ନିରୁଦ୍ଦିଷ୍ଟ ହେବା ପରେ ଆମେ ତାଙ୍କୁ ହରାଇଅଛୁ । ସେ ଏଥିରେ ମଙ୍ଗୋଲିଆ ଅଭିମୁଖେ ଏକ ଏଫ୍ଏଓ ସମ୍ମିଳନୀରେ ଏହି ମାର୍ଗଦର୍ଶିକାଟିର ଅନୁମୋଦନ ଓ ସମର୍ଥନ ସୃଷ୍ଟି ପାଇଁ ଯାତ୍ରା କରିଥିଲେ ।


ଏହି ମାର୍ଗଦର୍ଶିକାଟିରେ ଏକ ଶହ ଅନୁଚ୍ଛେଦ ରହିଛି ଯାହାକି ୧୩ ଗୋଟି ଭାଗରେ ବିଭକ୍ତ ହୋଇଅଛି । ଏହି ଦସ୍ତାବିଜଟି କେବଳ ମାର୍ଗଦର୍ଶିକାର ସାରାଂଶ ଗୁଡିକ ଉପସ୍ଥାପନ କରିଛି । ଏହା ଆଇ.ସି.ଏସ୍.ଏଫ୍

ପ୍ରତିଷ୍ଠାତା ସଭ୍ୟ ଜନ୍ କୁରିଏନ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ଯେ, କି ଗତ ଚାରି ଦଶନ୍ଧି ହେଲା ବିଶ୍ୱର ଅନେକ ଅଞ୍ଚଳ ବିଶେଷତଃ ଭାରତର କେରଳରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଧରା ଗୋଷ୍ଠୀଙ୍କ ପାଇଁ କାର୍ଯ୍ୟ କରିଆସିଛନ୍ତି ।



# ପୂର୍ବାଭାଷ

ଏହି ଏସ୍‌ଏସ୍‌ଏଫ୍ ମାର୍ଗଦର୍ଶିକା "୧୯୯୫ ଏଫ୍.ଏ.ଓ ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟକ୍ଷେତ୍ର" କାର୍ଯ୍ୟଧାରା ଅନୁକରଣରେ ବିକଶିତ କରାଯାଇଛି । ଏଥିରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ଏବଂ ତତ୍ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକଳାପ ସମେତ ସମୁଦାୟ ମହତ୍ତ୍ୱପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳରେ ସଂଶ୍ଳିଷ୍ଟ ଉଭୟ ପୁରୁଷ ଏବଂ ମହିଳାଙ୍କ ବିଷୟକୁ ଗ୍ରହଣ କରାଯାଇଅଛି । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ବିଶ୍ୱର ସମୁଦାୟ ମତ୍ସ୍ୟଚାହିଦାର ଅର୍ଦ୍ଧେକ ଆବଶ୍ୟକତା ପୂରଣ କରୁଥିବା ବେଳେ ଏ କ୍ଷେତ୍ରରେ ବିଶ୍ୱର ୯୦ପ୍ରତିଶତ ମତ୍ସ୍ୟଜୀବୀ ଓ ମତ୍ସ୍ୟକର୍ମୀ ନିୟୋଜିତ ଅଛନ୍ତି । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଏବଂ ମତ୍ସ୍ୟଜୀବୀଗୋଷ୍ଠୀ ସହିତ ସ୍ୱତନ୍ତ୍ର ବିଶେଷତ୍ୱକୁ ଦର୍ଶାଇଥାନ୍ତି । ବିବିଧତା ଏବଂ ଉଲ୍ଲେଖନୀୟ ଉପକ୍ଷେତ୍ରଗୁଡିକ, ସେହି ଅଞ୍ଚଳ ଅନୁସାରେ ସେଥିମଧ୍ୟରେ ଅନେକ ପାରିବାରିକ ଉଦ୍ୟୋଗ ଭାବେ ସ୍ଥାନୀୟ ଗୋଷ୍ଠୀ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଭାବେ ସାବ୍ୟସ୍ତ ହୋଇଥାନ୍ତି । ସେମାନେ କ୍ରମଶଃ ଅବହେଳିତ ହେବାରେ ଲାଗିଛନ୍ତି । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ଗୁଡିକ କ୍ଷେତ୍ରରେ ସ୍ୱାଭାବିକ ଭାବେ  ଦାରିଦ୍ର୍ୟତା ରହିଥାଏ । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ସେମାନଙ୍କ ଅବଦାନବୃଦ୍ଧି ଓ ସୁରକ୍ଷିତ ରଖିବାପାଇଁ ଅନେକ ଆହ୍ୱାନ ଓ ବାଧାର ସମ୍ମୁଖୀନ ହୁଅନ୍ତି । ଏହି ମାର୍ଗଦର୍ଶିକା ଭାଗୀଦାରିତା ଏବଂ ବିଚାର ବିମର୍ଷ ପ୍ରକ୍ରିୟା ଜରିଆରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି । ଏ ସବୁ ଅନ୍ତରାଷ୍ଟ୍ରୀୟ ମାନବାଧିକାର ସ୍ତରକୁ ଗୁରୁତ୍ୱ ଦିଆଯାଇ ପ୍ରସ୍ତୁତ ହୋଇଛି ।




## ୧. ଉଦ୍ଦେଶ୍ୟ

ଏସ୍‌ଏସ୍‌ଏଫ୍‌ ମାର୍ଗଦର୍ଶିକାର ଉଦ୍ଦେଶ୍ୟ ହେଲା, ଏହା କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ପାଇଁ ସୁନିଶ୍ଚିତ କରାଇବା ଯେ:

- ବିଶ୍ୱରେ ଖାଦ୍ୟ ନିରାପତ୍ତାର ଅଭିବୃଦ୍ଧି
- ବିଶ୍ୱର ଆର୍ଥିକ ଓ ସାମାଜିକ ଭବିଷ୍ୟତ ପାଇଁ ଅବଦାନର ବିକାଶ
- ମତ୍ସ୍ୟକର୍ମୀଙ୍କ ସାମାଜିକ ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ପାଇଁ ଅବଦାନ ଓ
- ମତ୍ସ୍ୟକ୍ଷେତ୍ର ସମ୍ବଳର ଦୀର୍ଘସ୍ଥାୟୀ ବ୍ୟବହାର ହାସଲ।


ଏହି ପ୍ରକ୍ରିୟାରେ ମାର୍ଗଦର୍ଶିକାଟି କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଭୂମିକା, ଅବଦାନ ଓ ସାମର୍ଥ୍ୟକୁ ନେଇ ଜନସଚେତନତା ବୃଦ୍ଧି କରାଇବା ଉଚିତ।

ଏହି ଉଦ୍ଦେଶ୍ୟ ମାନବିକ ଅଧିକାର ଭିତ୍ତିକ ପନ୍ଥାର ଉନ୍ନତି ମାଧ୍ୟମରେ ହାସଲ କରାଯିବା ଉଚିତ, କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ସଶକ୍ତ ଭାବେ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଭାଗୀଦାର ହେବା ସହ ମତ୍ସ୍ୟସମ୍ବଳ ଗୁଡିକର ଦୀର୍ଘସ୍ଥାୟୀ ବ୍ୟବହାର ନିମନ୍ତେ ସେମାନଙ୍କ ଦାୟିତ୍ୱ ହୃଦବୋଧ କରିବା ଉଚିତ। ଏହି ମାର୍ଗଦର୍ଶିକାରେ ବିକାଶଶୀଳ ଦେଶମାନଙ୍କର ଆବଶ୍ୟକତା କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀମାନଙ୍କ ଶଙ୍କଟାପର୍ଣ୍ଣ, ଅବହେଳିତ  ସ୍ଥିତିର ଲାଭ ଏବଂ ଉନ୍ନତି ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି।



## ୨ . ପ୍ରକାର ଓ ସୁଯୋଗ

ଏହି କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ମାର୍ଗଦର୍ଶିକା ସ୍ୱେଚ୍ଛାକୃତ ଏବଂ ବିଶ୍ୱ ସମୁଦାୟରେ ସୁଯୋଗ ସମେତ ବିକାଶଶୀଳ ରାଷ୍ଟ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହାର ଅର୍ଥ ଏହି ଯେ, ସାମୁଦ୍ରିକ ଓ ଭୂ-ଜଳଭାଗର ମତ୍ସ୍ୟକ୍ଷେତ୍ର ସମ୍ପର୍କିତ ସମସ୍ତ କାର୍ଯ୍ୟକଳାପ ଗୁଡିକୁ ଏଥିରେ ନିଆଯାଇଛି । ମତ୍ସ୍ୟକ୍ଷେତ୍ର ସହ ସମ୍ପୃକ୍ତ ଭାଗୀଦାର ଥିବା ରାଜ୍ୟ, ଅନ୍ତର୍ଜାତୀୟ ସରକାରୀ ସଂସ୍ଥା, ସାମାଜିକ ସଂସ୍ଥା, ବେସରକାରୀ ସଂଗଠନ, ଶିକ୍ଷା ସଂସ୍ଥା ଏବଂ ବେସରକାରୀ କ୍ଷେତ୍ର ପ୍ରଭୃତିକୁ ବିଚାରକୁ ନିଆଯାଇଛି । ଏଗୁଡିକ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ବିବିଧତାକୁ ସ୍ୱୀକାର କରିବା ସହିତ ସେମାନଙ୍କ କ୍ଷେତ୍ରରେ କୌଣସି ସଂଜ୍ଞା ସ୍ପଷ୍ଟ ହୋଇପାରୁନଥିବା ଦର୍ଶାଉଛି । କେଉଁମାନେ ଉକ୍ତ ମାର୍ଗଦର୍ଶିକା ଅନୁଯାୟୀ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଭାବେ ଅନ୍ତର୍ଭୁକ୍ତ ହେବେ ସେ ସମ୍ପର୍କରେ ରାଜ୍ୟଗୁଡିକ ଭାଗୀଦାର ଓ ସ୍ୱଚ୍ଛ ପ୍ରକ୍ରିୟା ଅନୁଯାୟୀ ପରିଭାଷିତ କରିବା ସହ ସେମାନଙ୍କ ମଧ୍ୟରେ ସବୁଠାରୁ ବିପନ୍ନ ଲୋକଙ୍କୁ ଚିହ୍ନିତ କରିବା ଉଚିତ ଯାହାକି ସେମାନଙ୍କ ପାଇଁ ଉକ୍ତ ମାର୍ଗଦର୍ଶିକା ସର୍ବାଧିକ ଅଭିପ୍ରେତ । ଉକ୍ତ ମାର୍ଗଦର୍ଶିକା ଅନୁବାଦିତ ହେବା ସହ ରାଷ୍ଟ୍ରୀୟ ନ୍ୟାୟିକ ବ୍ୟବସ୍ଥା ଏବଂ ସଂସ୍ଥା ନିକଟରେ ବ୍ୟବହୃତ ହେବା ଆବଶ୍ୟକ ।



## ୩. ମାର୍ଗଦର୍ଶୀ ନୀତି ସମୂହ:

ମାର୍ଗଦର୍ଶିକା ୧୩ ଗୋଟି ମାର୍ଗଦର୍ଶୀ ନୀତି ଉପରେ ପ୍ରତିଷ୍ଠିତ। ଏ ସବୁ ଅନ୍ତରାଷ୍ଟ୍ରୀୟ ମାନବିକ ଅଧିକାର ସ୍ତର ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟଜୀବୀ ସ୍ତର ଏବଂ ଦୀର୍ଘସ୍ଥାୟୀ ବିକାଶ ପ୍ରକ୍ରିୟାର ମାନ ଅଟେ, ଯାହା ବିପନ୍ନ ଏବଂ ଉପେକ୍ଷିତଗୋଷ୍ଠୀଙ୍କ ପ୍ରତି ଧ୍ୟାନ ଦିଅଯିବା ସହ ଆବଶ୍ୟକ ଖାଦ୍ୟ ନିରାପତା ଅଧିକାରକୁ ସଠିକ୍ ଭାବେ ଉପଲବ୍ଧ କରାଇବା ନିମନ୍ତେ ଆବଶ୍ୟକ ହୋଇଥାଏ।

ଉକ୍ତ ନୀତିଗୁଡିକ ମଧ୍ୟରେ:

(୧) ମାନବିକ ଅଧିକାର ଓ ମହତ୍ତ୍ୱ

(୨) ସଂସ୍କୃତିର ସମ୍ମାନ

(୩) ଭେଦଭାବ ବିହୀନ

(୪) ଲିଙ୍ଗଗତ ସମାନତା ଏବଂ ସାମ୍ୟତା

(୫) ସାମ୍ୟତା ଏବଂ ସମାନତା

(୬) ବିଚାର ବିମର୍ଷ ଓ ଭାଗୀଦାରିତା

(୭) ଆଇନର ଶାସନ

(୮) ସ୍ୱଚ୍ଛତା

(୯) ଉଚିତ ଦାୟିତ୍ୱ ନିର୍ବାହ

(୧୦) ଆର୍ଥିକ, ସାମାଜିକ ଓ ପରିବେଶ ଦୀର୍ଘସ୍ଥାୟିତ୍ୱ

(୧୧) ସାମଗ୍ରିକ ଏବଂ ସମନ୍ୱିତ ଉଦ୍ୟମ

(୧୨) ସାମାଜିକ ଦାୟିତ୍ୱ ଏବଂ

(୧୩) ଉପଯୋଗୀତା ଏବଂ ସାମାଜିକ ଓ ଆର୍ଥିକ ଅପରିହାର୍ଯ୍ୟତା ।

## ୪. ଅନ୍ୟାନ୍ୟ ଅନ୍ତରାଷ୍ଟ୍ରୀୟ ସାଧନ ଗୁଡିକ ସହ ସମ୍ପର୍କ:

ଏହି କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ (ଏସ୍ଏସ୍ଏଫ୍) ମାର୍ଗଦର୍ଶିକା ଏବେ ପ୍ରଚଳିତ ଜାତୀୟ ଏବଂ ଅନ୍ତରାଷ୍ଟ୍ରୀୟ ଆଇନ ଅନ୍ତର୍ଗତ ସାମ୍ପ୍ରତିକ ଅଧିକାର ଓ ସୁଯୋଗ ଅନୁଯାୟୀ ପର୍ଯ୍ୟବେଶିତ ଏବଂ ବ୍ୟବହାର କରାଯିବା ଉଚିତ, ଯାହାକି ଉପଯୋଗ ହେବାକୁ ଥିବା ଅଞ୍ଚଳ ଓ ଅନ୍ତରାଷ୍ଟ୍ରୀୟ ଉପାୟ ଅନ୍ତର୍ଗତ ସ୍ୱେଚ୍ଛାକୃତ ପ୍ରତିବଦ୍ଧତାକୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରୁଥିବ ।

ଉକ୍ତ ମାର୍ଗଦର୍ଶିକାକୁ ସଂଶୋଧନ ପାଇଁ ମାର୍ଗଦର୍ଶିଭାବେ ଏବଂ ନୂତନ ଅତିରିକ୍ତ ବିଧେୟକ ଏବଂ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ପାଇଁ ପ୍ରୋତ୍ସାହନ ନିମନ୍ତେ ବ୍ୟବହାର କରାଯାଇପାରେ । ମାତ୍ର ଅନ୍ତରାଷ୍ଟ୍ରୀୟ ଆଇନ ଅନ୍ତର୍ଗତ କୌଣସି ରାଜ୍ୟ ଅଧିକାର ଓ ସୁଯୋଗକୁ ସଙ୍କୁଚିତ ଅଥବା ନିମ୍ନ ଦୃଷ୍ଟିରେ ଦର୍ଶାଇବା ପାଇଁ ଏହି ମାର୍ଗଦର୍ଶିକାକୁ ବ୍ୟବହାର କରାଯିବା ଅନୁଚିତ ।



## ୫. କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବିଙ୍କ ସତ୍ତ୍ୱାଧିକାର କାର୍ଯ୍ୟାନ୍ୱୟନ୍ନ ଏବଂ ସମ୍ବଳ ପରିଚାଳନା:

### (କ) ସତ୍ତ୍ୱାଧିକାର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ୍ -

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ନିମନ୍ତେ ସଠିକ୍ ସମ୍ବଳର ସତ୍ତ୍ୱାଧିକାରକୁ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟାନ୍ୱୟନ୍ନ ସାମାଜିକ ଅର୍ଥନୈତିକ ଏବଂ ସାଂସ୍କୃତିକ ବିକାଶ ହାସଲ ସମେତ ମାନବିକ ଅଧିକାର ଗୁଡିକ ହୃଦବୋଧ କରିବାର ପ୍ରମୁଖ ଦିଗ ଅଟେ । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ସମାନ ଭାବେ ଏବଂ ସାମାଜିକ ସାଂସ୍କୃତିକ ସ୍ତରରେ ଏବଂ ମତ୍ସ୍ୟସମ୍ବଳ ମତ୍ସ୍ୟଧରା ଅଞ୍ଚଳ ଗୁଡିକ ଏବଂ ତତ୍ସଂଲଗ୍ନ ଭୂ-ଭାଗ ଓ ଜଙ୍ଗଲ ଉପରେ ଉପଯୁକ୍ତ ସ୍ୱତ୍ତ୍ୱାଧିକାର ହାସଲ କରିବା ଉଚିତ । ମହିଳାମାନଙ୍କ ସତ୍ତ୍ୱାଧିକାର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ । ସବୁ ପ୍ରକାରର ବିଧିଗତ ସତ୍ତ୍ୱାଧିକାର ଚିହ୍ନିତ ହେବା, ପଞ୍ଜୀକୃତ ହେବା ଏବଂ ସମ୍ମାନ କରାଯିବା ଉଚିତ । ଆବଶ୍ୟକସ୍ଥଳେ ପରମ୍ପରା ଏବଂ ସାମୁଦ୍ରିକ ସମ୍ବଳ ଏବଂ ସ୍ଥାନୀୟ ଅବହେଳିତ ଆଦିମ ଅଧିବାସୀ ଅଞ୍ଚଳ ଏବଂ ଆଦିମ ସଂଖ୍ୟାଲଘୁଙ୍କ ବିଷୟକୁ ମଧ୍ୟ ଆବଶ୍ୟକ ସ୍ଥଳେ ବିଧିବ୍ୟବସ୍ଥା ଭାବେ ଗ୍ରହଣ କରାଯିବା ଉଚିତ । ଯେଉଁଠି ନ୍ୟାୟିକ ସଂସ୍କାର/ସଂଶୋଧନ ମହିଳାଙ୍କ ଅଧିକାର ହାନୀ କରୁଛି ସେ କ୍ଷେତ୍ରରେ ସେମାନେ ପରମ୍ପରାଗତ ସତ୍ତ୍ୱାଧିକାର ବ୍ୟବସ୍ଥାକୁ ସଠିକ୍ ଭାବେ ପାଇବା ଉଚିତ । କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ଏବଂ ସ୍ଥାନୀୟ ଅଧିବାସୀଙ୍କ ଭୂମିକା ହେଉଛି ଯେ ସ୍ଥାନୀୟ ସାମୁଦ୍ରିକ ଏବଂ ଉପକୂଳ ପରିବେଶକୁ ମିଳିତ ପରିଚାଳନା କରିବା ସହ ସଞ୍ଚୟ, ସଂରକ୍ଷଣ, ସୁରକ୍ଷିତ ରଖିବା ପ୍ରତି ଯତ୍ନବାନ ହେବା, ରାଷ୍ଟ୍ରୀୟ ମାଲିକାନା ଓ ନିୟନ୍ତ୍ରଣରେ ଥିବା ଭୂ-ଭାଗ ଓ ଜଳଭାଗ ସମ୍ବଳରେ ସାମାଜିକ ଅର୍ଥନୈତିକ ଏବଂ ପରିବେଶକୁ ବିଚାର କରି କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ନିର୍ଦ୍ଦିଷ୍ଟ ଭାବେ ଯେତେବେଳେ ମିଳିତ ଭାବେ ବ୍ୟବହାର ଏବଂ ପରିଚାଳନା କରୁଛନ୍ତି ତହିଁରେ ସତ୍ତ୍ୱାଧିକାର ସାବ୍ୟସ୍ତ ହେବା ଉଚିତ । ରାଷ୍ଟ୍ରୀୟ ଜଳଭାଗରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀକୁ ମାଛ ଧରିବାକୁ ସୁବିଧା ପ୍ରଦାନ କରିବା ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟଜୀବୀଙ୍କ ଅନୁପାଳନ (ଧାରା ୬- ୧୮) ମତେ ଉଲ୍ଲିଖିତ । ଏହାକୁ ରୂପାୟନ ନିମନ୍ତେ ରାଷ୍ଟ୍ରଗୁଡିକ ପଦକ୍ଷେପ ନେବା ଉଚିତ୍ ଯେପରି କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ପାଇଁ ମୁକ୍ତ ଅଞ୍ଚଳ ପ୍ରଦାନ କରାଇବେ, ପ୍ରମୁଖ ସମ୍ବଳ ଉପଲବ୍ଧ ପାଇଁ ତୃତୀୟ ପକ୍ଷର ପ୍ରବେଶ ନିମନ୍ତେ ଚୁକ୍ତି କରିବା ପୂର୍ବରୁ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟଜୀବୀଙ୍କ ଏ ସବୁ ଅଞ୍ଚଳରେ ସେମାନଙ୍କ ଦାବୀ ପ୍ରତି ଉପଯୁକ୍ତ ବିଚାର କରାଯିବା ଉଚିତ ।

ଅନ୍ୟ ବ୍ୟବହାରକାରୀମାନେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ଅଞ୍ଚଳରେ ପ୍ରତିଯୋଗିତା ବଢାଇଥାନ୍ତି ଓ ବିବାଦ ଆଡକୁ ନେଇଥାନ୍ତି । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ମୂଳତଃ ବିତାଡିତ ନହେବା ଅଥବା ସେମାନଙ୍କ ବିଧିଗତ ସତ୍ତ୍ୱାଧିକାର ହାନୀ ଅଥବା ବିଲୋପ ନେଇ ରାଜ୍ୟଗୁଡିକ ତୁରନ୍ତ ସହାୟତା ଦେବାକୁ ସୁନିଶ୍ଚିତ କରାଇବା ଉଚିତ । ବୃହତ ଧରଣର ବିକାଶ ପ୍ରକଳ୍ପ କ୍ଷେତ୍ରରେ ରାଷ୍ଟ୍ର ଏବଂ ଅନ୍ୟପକ୍ଷ ଗୁଡିକ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଆକଳନ ପାଇଁ ଫଳପ୍ରଦ ଆଲୋଚନା ଏବଂ ଉପଯୁକ୍ତ ଅଧ୍ୟୟନ ଗ୍ରହଣ କରିବା ଆବଶ୍ୟକ ।

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀଙ୍କ ସମ୍ପର୍କୀତ ସତ୍ତ୍ୱାଧିକାର ବିବାଦଗୁଡିକ ରାଷ୍ଟ୍ର ଅଧିନରେ ଥିଲେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ, ସୁବିଧାଜନକ ଏବଂ ଫଳପ୍ରଦ ଭାବେ ପ୍ରତିକାର ଯଥା ପୁନର୍ବସତି, ସୁରକ୍ଷା, ବାକିଥିବା କ୍ଷତିପୂରଣ ପ୍ରଦାନ ଇତ୍ୟାଦି ତ୍ୱରିତ ଭାବେ କାର୍ଯ୍ୟକାରୀ କରାଇବା ଉଚିତ ।

ପ୍ରାକୃତିକ ବିପର୍ଯ୍ୟୟ ଏବଂ ସଶସ୍ତ୍ର ସଂଘର୍ଷ ଯୋଗୁ ବିସ୍ଥାପନ ଦ୍ୱାରା କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ପ୍ରଭାବିତ ହେବା ବୃଦ୍ଧି ପାଉଛି । ମତ୍ସ୍ୟକ୍ଷେତ୍ର ସମ୍ବଳକୁ ଧ୍ୟାନ ଦେଇ ରାଷ୍ଟ୍ରଗୁଡିକ ସେମାନଙ୍କୁ ପାରମ୍ପରିକ ମତ୍ସ୍ୟଧରା ସ୍ଥାନ ଏବଂ ଉପକୂଳସ୍ଥାନ ପୁନଃଉପଲବ୍ଧ କରାଇବା ନିମନ୍ତେ ସବୁପ୍ରକାର ପ୍ରଚେଷ୍ଟା କରିବା ଉଚିତ । ଏ ପରିସ୍ଥିତିରେ ମାନବିକ ଅଧିକାର ଉଲଘଂନକୁ ଚାପି ନଦେଇ ପ୍ରଭାବିତକୁ ସେମାନଙ୍କ ଜୀବନର ପୁନଃନିର୍ମାଣ ପାଇଁ ଏବଂ ମହିଳାମାନଙ୍କ କ୍ଷେତ୍ରରେ ସେମାନଙ୍କ ସତ୍ତ୍ୱାଧିକାର ପ୍ରଥାର ଭେଦଭାବକୁ ବିଲୋପ ପାଇଁ ସହାୟତା କରିବାକୁ କୌଶଳ ନିର୍ଦ୍ଧାରଣ କରିବା ଉଚିତ ।

## (ଖ) ଦୀର୍ଘସ୍ଥାୟୀ ସମ୍ବଳ ପରିଚାଳନା -

ମତ୍ସ୍ୟକ୍ଷେତ୍ର ସମ୍ବଳର ଦୀର୍ଘସ୍ଥାୟୀ ବ୍ୟବହାର ଏବଂ ଦୀର୍ଘକାଳ ସଂରକ୍ଷଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ସହ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ଆବଶ୍ୟକତା ସୁଯୋଗ ଗୁଡିକୁ ମାନ୍ୟତା ଦେବା ଉଚିତ । ଅଧିକାର ସହିତ ଦାୟିତ୍ୱ ରହିଥାଏ । ସତ୍ତ୍ୱାଧିକାରଗୁଡିକ ସମାନଭାବେ ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ବ୍ୟବହାର ପ୍ରତି ଗୁରୁତ୍ୱ ପ୍ରକାଶ କରି ଦାୟିତ୍ୱ ପାଳନ କରିବାକୁ ହୁଏ । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ପରିବେଶ ଓ ତତ୍‌ସ୍ଥିତ ପ୍ରଜାତିର ଖୁବ୍ କମ୍ ହାନୀ ହେବା ଭଳି ମାଛଧରା ବୃତ୍ତିର ଅଭ୍ୟାସ କରିବା ଉଚିତ । ସମ୍ବଳ ପରିଚାଳନାରେ ଦାୟିତ୍ୱ ନେବା ପାଇଁ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କୁ ରାଷ୍ଟ୍ର ସହାୟତା କରିବା ଆବଶ୍ୟକ । ପରିଚାଳନା ପଦକ୍ଷେପ କ୍ଷେତ୍ରରେ ନକ୍ସା ଓ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନ୍ ପାଇଁ ଏହି ଗୋଷ୍ଠୀର ମହିଳା ଏବଂ ବିପଦଗ୍ରସ୍ତ ଗୋଷ୍ଠୀଙ୍କୁ ନ୍ୟାୟ ସଙ୍ଗତ ଭାବେ ଭାଗୀଦାର ନିମନ୍ତେ ରାଷ୍ଟ୍ରଗୁଡିକୁ ସମ୍ପୃକ୍ତ କରାଇବା ଉଚିତ । ରାଷ୍ଟ୍ରୀୟ ଆଇନ ସୁଯୋଗ ପରିଧି ମଧ୍ୟରେ ରାଷ୍ଟ୍ରଗୁଡିକ ଭାଗୀଦାରୀ ପରିଚାଳନା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଇବା ଉଚିତ ।

ରାଷ୍ଟ୍ରଗୁଡିକ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ନିମନ୍ତେ ଆବଶ୍ୟକ ଏବଂ ଉପଯୋଗୀ ଭାବେ ପରିଚାଳନା, ନିୟନ୍ତ୍ରଣ ଓ ପର୍ଯ୍ୟବେକ୍ଷଣ ପ୍ରକ୍ରିୟା ବିସ୍ତାର ଓ ପ୍ରତିଷ୍ଠା କରାଇବା ଆବଶ୍ୟକ । ରାଷ୍ଟ୍ରଗୁଡିକ ମତ୍ସ୍ୟଧରା ପ୍ରକ୍ରିୟାରେ ସମସ୍ତ ବେଆଇନ ଏବଂ ଧ୍ୱଂସକାରୀ ବ୍ୟବସ୍ଥାକୁ ହ୍ରାସ, ନିରାକରଣ ଏବଂ ବିଲୋପ ନିମନ୍ତେ ଲକ୍ଷ୍ୟ ରଖିବା ଉଚିତ ଏବଂ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଏମସିଏସ୍ ପ୍ରକ୍ରିୟାକୁ ସହାୟତା କରିବା ସହ ପରିଚାଳନା ନିମନ୍ତେ ସମ୍ପୃକ୍ତ ସଂସ୍ଥାମାନଙ୍କୁ ଆବଶ୍ୟକ ସୂଚନା ଯୋଗାଇଦେବା ଉଚିତ ।

ସହଯୋଗ ଭିତ୍ତିକ ପରିଚାଳନା ବ୍ୟବସ୍ଥା, ନ୍ୟାୟିକ ସହାୟତା ପ୍ରକ୍ରିୟା ଅନୁପାଳନ ଦିଗରେ ରାଷ୍ଟ୍ରଗୁଡିକ ସମସ୍ତ ପକ୍ଷମାନଙ୍କର ଭୂମିକା ଏବଂ ଦାୟିତ୍ୱ ବିଷୟରେ ସ୍ପଷ୍ଟ କରାଇବା ଉଚିତ । କ୍ଷୁଦ୍ରଶ୍ରେଣୀ

ମତ୍ସ୍ୟଜୀବୀମାନେ  ଅନ୍ତରାଷ୍ଟ୍ରୀୟ ମିଳିତ ମତ୍ସ୍ୟକ୍ଷେତ୍ର ସହାୟତା ସମ୍ପୃକ୍ତ ସ୍ଥାନୀୟ ଏବଂ ରାଷ୍ଟ୍ରୀୟ ବୃତ୍ତି ଭିତ୍ତିକ ସଂଘ ଏବଂ ଗୋଷ୍ଠୀରେ ପ୍ରତିନିଧିତ୍ୱ କରିବା ସହିତ ମତ୍ସ୍ୟକ୍ଷେତ୍ର ବିଷୟକ ନିଷ୍ପତ୍ତି ଏବଂ ନିତୀ ପ୍ରସ୍ତୁତ ପ୍ରକ୍ରିୟାରେ ସକ୍ରିୟ ଭାଗ ନେବା ଉଚିତ ।

ରାଷ୍ଟ୍ର ଏବଂ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଉଭୟ ଉତ୍ପାଦନ ତଥା ଉତ୍ପାଦନ ପୂର୍ବ ଏବଂ ଉତ୍ପାଦନ ପରବର୍ତ୍ତୀ ପ୍ରକ୍ରିୟାରେ ପୁରୁଷ ଏବଂ ମହିଳାଙ୍କୁ ନିୟୋଜିତ ନିମନ୍ତେ ସହାୟତା କରିବା ଉଚିତ ଯଦ୍ୱାରା ସେମାନଙ୍କ ଜ୍ଞାନ ଏବଂ ସାମର୍ଥ୍ୟ ତଥା ଆବଶ୍ୟକତାକୁ ସେମାନେ ବିନିଯୋଗ କରିପାରିବେ ।

ରାଷ୍ଟ୍ରଗୁଡିକୁ ସୀମାକ୍ଷେତ୍ର ସମସ୍ୟା ଭାବେ ଜଳଭାଗ ଅଂଶ ଓ ସମ୍ବଳ ଆଦି ବିଷୟରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ସତ୍ତ୍ୱାଧିକାର ସୁରକ୍ଷିତ କରାଯିବାକୁ ରାଷ୍ଟ୍ରଗୁଡିକୁ ସୁନିଶ୍ଚିତ କରାଇବା ଉଚିତ । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଥିବା ନୀତି ଓ ଅର୍ଥନୈତିକ ପଦକ୍ଷେପ ଯାହା ବହୁଳ ମାଛଧରା ଯୋଗୁ କ୍ଷମତା ବହିର୍ଭୁତ ମତ୍ସ୍ୟ ଉତ୍ପାଦନ ଫଳରେ ଘଟିଥାଏ ସେ ସବୁକୁ ଏଡାଇଯିବା ଉଚିତ ।



## ୬. ସାମାଜିକ ବିକାଶ, ନିଯୁକ୍ତି ଏବଂ ଉତ୍କୃଷ୍ଟ କାର୍ଯ୍ୟ:

ସମସ୍ତ ପକ୍ଷମାନେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ଉନ୍ନତି ଏବଂ ପରିଚାଳନା କ୍ଷେତ୍ରରେ ଆନ୍ତରିକ ପ୍ରୟାସ କରିବା ଉଚିତ। ରାଷ୍ଟ୍ରଗୁଡିକୁ ସ୍ୱାସ୍ଥ୍ୟ, ଶିକ୍ଷା, ସାକ୍ଷରତା, ସମନ୍ୱିତ ଅନ୍ତର୍ଭୁକ୍ତି ଏବଂ ଅନ୍ୟାନ୍ୟ ବୈଷୟିକ ଦକ୍ଷତା ପାଇଁ ବିନିଯୋଗ ବୃଦ୍ଧି କରିବା ଉଚିତ।

ଏଥିରେ ସମ୍ପୃକ୍ତ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ, ସମସ୍ତ କର୍ମୀ ଓ ଏଥିସହ ସମସ୍ତ ନିଯୋଜିତମାନଙ୍କ ନିମନ୍ତେ ରାଷ୍ଟ୍ରଗୁଡିକ ସାମାଜିକ ନିରାପତ୍ତା ଯୋଜନାକୁ ବିକଶିତ କରାଇବା ଉଚିତ। ରାଷ୍ଟ୍ରଗୁଡିକୁ ସଞ୍ଚୟ, ଋଣ, ବୀମା ଆଦି ସେବା କ୍ଷେତ୍ର ଗୁଡିକରେ ମହିଳାମାନଙ୍କ ଅନ୍ତର୍ଭୁକ୍ତି ଓ ସମ୍ପୃକ୍ତିକୁ ଗୁରୁତ୍ୱ ଦେଇ ଏ ସବୁ ବିକାଶ ଯୋଜନା ଗୁଡିକୁ ସହାୟତା କରିବା ଆବଶ୍ୟକ।

-କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ମହତ୍ୱପୂର୍ଣ୍ଣ ମୂଲ୍ୟଶୃଙ୍ଖଳାରେ ଆର୍ଥିକ ଓ ବୃତ୍ତିଗତ ପ୍ରକ୍ରିୟା ଗୁଡିକ ଦିଗରେ ସମ୍ପୂର୍ଣ୍ଣ ବିସ୍ତୃତ କାର୍ଯ୍ୟ ନିମନ୍ତେ ସଭିଏଁ ମାନ୍ୟତା ଦେବା ଉଚିତ।

-ରାଷ୍ଟ୍ର, ସଭିଙ୍କ ପାଇଁ ଉତ୍କୃଷ୍ଟ କାର୍ଯ୍ୟକୁ ବିସ୍ତାରିତ କରିବା ଉଚିତ।

- କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟଜୀବୀଙ୍କ ଅଧିକାର ଉନ୍ନତ ଭାବେ ଉପଲବ୍ଧ କରାଇବାକୁ ଏବଂ ମତ୍ସ୍ୟକର୍ମୀ ସୁସ୍ଥ ଜୀବନ ନିର୍ବାହ କରିବା ନେଇ ରାଷ୍ଟ୍ରଗୁଡିକ ସୁନିଶ୍ଚିତ କରାଇବା ଉଚିତ। ରାଷ୍ଟ୍ରଗୁଡିକ ଭେଦଭାବହୀନ ଏବଂ ସୁସ୍ଥ ଆର୍ଥିକ ନୀତି ଗୁଡିକୁ ପର୍ଯ୍ୟାୟକ୍ରମେ ଅନ୍ତର୍ଭୁକ୍ତ କରାଇବେ ଯଦ୍ୱାରା ଏହି ମତ୍ସ୍ୟକର୍ମୀ ସେମାନଙ୍କ ଶ୍ରମ, ପରିଚାଳନା ଏବଂ ମୂଳଧନ ବଦଳରେ ଉତ୍ତମ ରୋଜଗାର ପାଇପାରିବେ। ରାଷ୍ଟ୍ରଗୁଡିକ ସମେତ ଅନ୍ୟପକ୍ଷମାନେ ବିକଳ୍ପ ରୋଜଗାର ସୃଷ୍ଟି ସୁଯୋଗ ଦିଗରେ ସହାୟତା ପ୍ରଦାନ କରିବା ଉଚିତ। କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଗୋଷ୍ଠୀ ସେମାନଙ୍କ ମତ୍ସ୍ୟଧରା ସମ୍ପର୍କିତ କାର୍ଯ୍ୟପନ୍ଥା ଜାରୀ ରଖିବାକୁ ବାତାବରଣ ସୃଷ୍ଟି କରିବା ଉଚିତ।

ସ୍ଥାନାନ୍ତର ଏକ ସାଧାରଣ ଜୀବୀକା ପଦ୍ଧତି। ମତ୍ସ୍ୟଜୀବୀଙ୍କ ସୀମାତିକ୍ରମଣ ଅଶାନ୍ତି ସମ୍ପର୍କିତ ନିହିତ କାରଣ ଓ ପରିସ୍ଥିତି ବିଷୟରେ ରାଷ୍ଟ୍ରଗୁଡିକ ମାନ୍ୟତା ଓ ବିଚାର କରିବା ଉଚିତ।

ବୃତ୍ତି କ୍ଷେତ୍ରରେ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ଅନୁପଯୁକ୍ତ କାର୍ଯ୍ୟକ୍ଷେତ୍ର ପରିସ୍ଥିତି ସମ୍ପର୍କରେ ରାଷ୍ଟ୍ରଗୁଡିକ ବିଚାର କରିବା ଉଚିତ। ବଳପୂର୍ବକ ଖଟାଇବାରୁ ନିବୃତ୍ତି ଏବଂ ଗୋତି ଖଟାଇବା ନିଷେଧ ପାଇଁ ରାଷ୍ଟ୍ରଗୁଡିକ କାର୍ଯ୍ୟ କରିବା ଉଚିତ।

ବିଦ୍ୟାଳୟ ଏବଂ ଶିକ୍ଷାସୁବିଧା ଉପଲବ୍ଧ ପାଇଁ ରାଷ୍ଟ୍ରଗୁଡିକ ସୁବିଧା ପ୍ରଦାନ କରିବା ସହିତ ଶିଶୁମାନଙ୍କୁ ଗୁରୁତ୍ୱ ଦେବା ସହ ସେମାନଙ୍କ ଭବିଷ୍ୟତ ନିମନ୍ତେ ଶିକ୍ଷାର ଗୁରୁତ୍ୱକୁ ମାନ୍ୟତା ଦେବା ଉଚିତ। ସାମୁଦ୍ରିକ କ୍ଷେତ୍ର ଓ ଭୂଭାଗ ଜଳକ୍ଷେତ୍ରରେ ନିରାପତ୍ତା ଏବଂ ସମସ୍ୟା ଗୁଡିକ ପଛରେ ଥିବା ବିଭିନ୍ନ କାରଣ ଗୁଡିକୁ ସମସ୍ତ ପକ୍ଷମାନେ ମାନ୍ୟତା ଦେବା ଉଚିତ।

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ନିରାପତ୍ତା ଓ ବୃତ୍ତିଗତ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଷୟ ମତ୍ସ୍ୟକ୍ଷେତ୍ର ସାଧାରଣ ପରିଚାଳନାରେ ସମନ୍ୱିତ କରାଇବା ଆବଶ୍ୟକ।

ସମସ୍ତ ସଂଘର୍ଷ ପରିସ୍ଥିତିରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ସମ୍ପୃକ୍ତ ସମସ୍ତ ବୃତ୍ତିଧାରୀଙ୍କ ମାନବିକ ଅଧିକାର ଓ ମର୍ଯ୍ୟାଦାକୁ ରାଷ୍ଟ୍ରଗୁଡିକ ସୁରକ୍ଷା ପ୍ରଦାନ କରିବା ଉଚିତ।

## ୭. ମୂଲ୍ୟ ଶଙ୍ଖଳ, ଉତ୍ପାଦନପର ଏବଂ ବ୍ୟବସାୟ:

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ସହ ଉତ୍ପାଦନ ପରବର୍ତ୍ତୀ ଉପକ୍ଷେତ୍ରର ପ୍ରମୁଖ ଭୂମିକା ପ୍ରତି ସମସ୍ତ ପକ୍ଷମାନେ ମାନ୍ୟତା ଦେବା ଉଚିତ। ଉତ୍ପାଦନ ପରବର୍ତ୍ତୀ ଉପକ୍ଷେତ୍ରରେ ମହିଳାମାନେ ମୁଖ୍ୟଭୂମିକା ବହନ କରିବା ବିଷୟକୁ ସବୁପକ୍ଷମାନେ ହୃଦ୍‌ବୋଧ କରିବା ଆବଶ୍ୟକ।

ଉତ୍ପାଦନ ପରବର୍ତ୍ତୀ ଉପକ୍ଷେତ୍ରରେ ଉପଯୁକ୍ତ ଭିତ୍ତିଭୂମି ଗୁଡିକରେ ବିନିଯୋଗ, ସମେତ ସାଂଗଠନିକ ଢାଞ୍ଚା ଏବଂ ଦକ୍ଷତା ବୃଦ୍ଧି ଦିଗରେ ରାଷ୍ଟ୍ରଗୁଡିକ ପୃଷ୍ଟପୋଷକତା କରିବା ସହ ତାହା ଉପଲବ୍ଧ କରାଇବା ଉଚିତ।

ମତ୍ସ୍ୟଜୀବୀ ଓ ମତ୍ସ୍ୟକର୍ମୀଙ୍କ ପାରମ୍ପରିକ ଧାରାର ସଂଘ ଗୁଡିକ ନିଶ୍ଚିତ ଭାବେ ମାନ୍ୟତା ପାଇବା ଉଚିତ।

ଉତ୍ପାଦନ ପରବର୍ତ୍ତୀ କ୍ଷତି ଏଡାଇବା ପାଇଁ ଏବଂ ମୂଲ୍ୟଯୁକ୍ତ ଦର ନିର୍ଦ୍ଧାରଣ ପାଇଁ ଉପାୟ ଖୋଜିବା ନିହାତି ଆବଶ୍ୟକ।

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ସ୍ଥାନୀୟ, ରାଷ୍ଟ୍ରୀୟ, ଆଞ୍ଚଳିକ ଏବଂ ଅନ୍ତରାଷ୍ଟ୍ରୀୟ ବଜାରରେ ଯଥୋଚିତ ଏବଂ ଭେଦଭାବହୀନ ବ୍ୟବସାୟ କରାଇବାକୁ ରାଷ୍ଟ୍ରଗୁଡିକୁ ପ୍ରୋତ୍ସାହିତ କରାଇବା ଉଚିତ। ଅନ୍ତରାଷ୍ଟ୍ରୀୟ ମତ୍ସ୍ୟବ୍ୟବସାୟର ସମୃଦ୍ଧି ଲୋକଙ୍କ ପୁଷ୍ଟିକାରୀ ଆବଶ୍ୟକତାକୁ ହାନୀକାରକ ପ୍ରଭାବ ପହଞ୍ଚାଇବା ଉଚିତ ନୁହେଁ, ଯାହାଙ୍କ ପାଇଁ ମତ୍ସ୍ୟଜୀବୀଙ୍କର ଶସ୍ତା ଖାଦ୍ୟ ସେମାନଙ୍କ ଆହର ଓ ପୁଷ୍ଟିକାରୀତାକୁ ଜଟିଳ କରିବ।

ଅନ୍ତରାଷ୍ଟ୍ରୀୟ ବ୍ୟବସାୟର ଲାଭକୁ ଉଚିତ ଭାବରେ ବଣ୍ଟନ ହେବା ଉଚିତ ଏବଂ ଫଳପ୍ରଦ ମତ୍ସ୍ୟକ୍ଷେତ୍ର ପରିଚାଳନା ପ୍ରକ୍ରିୟା ସ୍ଥାପନା କରାଯାଇ ବଜାରର ଚାହିଦା ଅପେକ୍ଷା ମତ୍ସ୍ୟସମ୍ବଳରୁ ମାତ୍ରାଧିକ ମାଛ ଉତ୍ପାଦନ ବନ୍ଦ କରାଯିବା ଉଚିତ।

ପରିବେଶଗତ, ସାମାଜିକ ଏବଂ ଏ ସମ୍ପର୍କିତ ଅନ୍ୟ ଆକଳନଗୁଡିକ(ଅନ୍ୟଗୁଡିକ ମଧ୍ୟରୁ) ଅନ୍ତରୀଣ ନୀତି ଓ ପ୍ରକ୍ରିୟା ଭାବେ ଗ୍ରହଣ କରାଯାଇ ଅନ୍ତରାଷ୍ଟ୍ରୀୟ ବ୍ୟବସାୟରେ ପରିବେଶ ଏବଂ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ସଂସ୍କୃତି, ଖାଦ୍ୟ ନିରାପତ୍ତା, ଏବଂ ଜୀବୀକା ଗୁଡିକ ଏକତ୍ରିତ କରାଯାଇ ସମାନ ଭାବେ ଅନ୍ତର୍ଭୁକ୍ତ କରାଯାଇ ସଠିକ ବିଚାର କରାଯିବା ଉଚିତ।

ସଠିକ୍ ସମୟ ଏବଂ ଉଚିତ ଭାବେ ବଜାର ଏବଂ ବ୍ୟବସାୟର ସୂଚନା କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଶୃଙ୍ଖଳରେ ଜଡିତ ଲୋକଙ୍କୁ ଉପଲବ୍ଧ କରାଇବାକୁ ରାଷ୍ଟ୍ରଗୁଡିକୁ ସହାୟତା କରିବା ଉଚିତ।

## ୮. ଲିଙ୍ଗଗତ ସମାନତା:

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରର ବିକାଶ ପ୍ରକ୍ରିୟାରେ ଲିଙ୍ଗଗତ ଗୁରୁତ୍ୱ ଅବିଚ୍ଛିନ୍ନ ଅଂଶ ହେବା ଉଚିତ । ଅନ୍ତରାଷ୍ଟ୍ରୀୟ ମାନବିକ ଅଧିକାର ଆଇନ ଏବଂ ସାଧନର କ୍ରିୟାନ୍ୱୟନ ଅନ୍ତର୍ଗତ ମହିଳାଙ୍କ ପ୍ରସଙ୍ଗରେ ରାଷ୍ଟ୍ରଗୁଡିକ ନିଜେ ପକ୍ଷଭୁକ୍ତ ଭାବେ ଆନ୍ତରିକତାର ସହ ନିରାକରଣ କରାଇବା ଉଚିତ ।

ମହିଳାଙ୍କ ପ୍ରତି ବାଛ ବିଚାର କ୍ଷେତ୍ରରେ ରାଷ୍ଟ୍ରଗୁଡିକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଉଚିତ । ପ୍ରଚଳିତ ନିତୀ ଏବଂ ବିଧେୟକରେ ଲିଙ୍ଗଗତ ସମାନତାକୁ ମାନ୍ୟତା ଦେବା ଉଚିତ ଏବଂ ଯେଉଁଗୁଡିକୁ ଏହି ଉଦ୍ଦେଶ୍ୟ ସହ ଉପଯୁକ୍ତ ନୁହେଁ ସେ ସବୁକୁ ପରିବର୍ତ୍ତନ କରାଯିବା ଉଚିତ ।

ମହିଳାମାନଙ୍କ ଜୀବନଚର୍ଯ୍ୟାସ୍ତରର ବିକାଶ ଏବଂ ଲିଙ୍ଗଗତ ସମାନତା ହାସଲ ନିମନ୍ତେ ବିଧେୟକ, ନୀତି ଏବଂ ପଦକ୍ଷେପର ପ୍ରଭାବକୁ ଆକଳନ କରିବା ପାଇଁ କାର୍ଯ୍ୟକ୍ଷମ ଉନ୍ନୟନ ପ୍ରକ୍ରିୟା ଗୁଡିକର ବିକଶିତ ହେବା ଉଚିତ ।

ମହିଳାମାନଙ୍କ କାର୍ଯ୍ୟକ୍ଷେତ୍ର ଗୁଡିକରେ ମହତ୍ତ୍ୱପୂର୍ଣ୍ଣ ଏବଂ ଉପଯୁକ୍ତ ଭାବେ ଅଧିକ ଉନ୍ନତ ବୈଷୟିକ କୌଶଳକୁ ବିକାଶ ଘଟାଇବା ଉଚିତ ।



# ୯ . ବିପର୍ଯ୍ୟୟ ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନ

ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଜରୁରୀ ଏବଂ ପ୍ରତୀକ୍ଷିତ କାର୍ଯ୍ୟପନ୍ଥା ଆବଶ୍ୟକ କରିଥାଏ। କ୍ଷୁଦ୍ରକ୍ଷୁଦ୍ର ଦ୍ୱିପରେ ଜୀବୀକା ନିର୍ବାହ କରୁଥିବା କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଉଚିତ। କ୍ଷେତ୍ରୀୟ ପରିସର ଉର୍ଦ୍ଧ୍ୱରେ ସହଯୋଗ ଭିତ୍ତିରେ ଏକ ସମନ୍ୱିତ ଏବଂ ଉନ୍ମୁକ୍ତ ଦୃଷ୍ଟିଭଙ୍ଗୀ ଆବଶ୍ୟକ ଅଟେ। ପୃଷ୍ଠପୋଷକତା, ସମାଧାନ ଏବଂ ସହାୟତା ନିମନ୍ତେ ଯୋଜନା ଗୁଡିକ ଉପଲବ୍ଧ କରାଇବା ଉଚିତ।

ମାନବକୃତ ବିପର୍ଯ୍ୟୟ କ୍ଷେତ୍ରରେ ପ୍ରଭାବିତ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ନିମନ୍ତେ ଦାୟିତ୍ୱପାଳନ କରୁଥିବା ପକ୍ଷମାନେ ଦାୟୀ ରହିବେ। ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ଯୋଗୁ ଉତ୍ପନ୍ନ ପରବର୍ତ୍ତୀ ଏବଂ ବ୍ୟବସାୟ କାର୍ଯ୍ୟ ଉପରେ ବିଭିନ୍ନ ବିଷୟ ଗୁଡିକ ଉପରେ ଏହାର ପ୍ରଭାବ ଗୁଡିକୁ ବିଚାର କରାଯିବା ଉଚିତ। "ଅଧିକ ଉନ୍ନତ ପୁନନିର୍ମାଣ" ବିଚାରକୁ ବିପର୍ଯ୍ୟୟ ମୁକାବିଲା ଏବଂ ପୁନଃଥଇଥାନ କ୍ଷେତ୍ରରେ ଉପଯୋଗ କରାଯିବା ଉଚିତ। ସମଗ୍ର ମହତ୍ତ୍ୱପୂର୍ଣ୍ଣ ଶୃଙ୍ଖଳ ମଧ୍ୟରେ ଶକ୍ତି ସାମର୍ଥ୍ୟକୁ ନିଶ୍ଚୟ ପ୍ରୋତ୍ସାହିତ ଏବଂ ବିକଶିତ କରାଯିବା ଉଚିତ।



# ୧୦. ଉପଯୁକ୍ତ ନୀତି, ସଂସ୍ଥାଗତ ସମନ୍ୱୟ ଏବଂ ସହଯୋଗ

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀ ଗୁଡିକର ବାସ୍ତବ ବିକାଶକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟଗୁଡିକ ସେମାନଙ୍କ ଆବଶ୍ୟକତା ଏବଂ ଉପଯୁକ୍ତ ନୀତୀଗୁଡିକ ପ୍ରତି କାର୍ଯ୍ୟ କରିବା ଉଚିତ ।

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଏବଂ ସମନ୍ୱିତ ଉପକୂଳ କ୍ଷେତ୍ର ପରିଚାଳନାରେ ଭୂମିକାକୁ ଉପଯୁକ୍ତ ଭାବେ ବିଚାରକୁ ନେଇ ରାଷ୍ଟ୍ରଗୁଡିକ ବିକାଶ ଏବଂ ସ୍ତର ଭିତ୍ତିକ ଯୋଜନାର ଉପଯୋଗ କରିବା ଉଚିତ ।

ରାଷ୍ଟ୍ରଗୁଡିକ ସଂହତିପୂର୍ଣ୍ଣ ନୀତି ସୁନିଶ୍ଚିତ କରାଇବା ଦିଗରେ ନୀତି ଲାଗୁ କରାଇବା ଉଚିତ ଯାହାକି ସାମୁଦ୍ରିକ ଭୂଭାଗ ଜଳକ୍ଷେତ୍ର ଏବଂ ପରିବେଶ ପ୍ରଣାଳୀର ସୁସ୍ଥତା ରକ୍ଷା କରିବ ।

ମତ୍ସ୍ୟକ୍ଷେତ୍ର ନୀତି ଦୀର୍ଘସ୍ଥାୟୀ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ନିମନ୍ତେ ଦୀର୍ଘକାଳୀନ ଦୃଷ୍ଟିକୁ ଲକ୍ଷ୍ୟ ରଖି ସହାୟତା କରିବା ଉଚିତ ।

ଏଗୁଡିକ ସରକାରୀ କର୍ତ୍ତୃପକ୍ଷ ଓ ପ୍ରତିନିଧିଙ୍କ ନିକଟରେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ନିମନ୍ତେ ମୂଳ ବିନ୍ଦୁଗୁଡିକ ଭଲ ଭାବେ ବ୍ୟାଖ୍ୟା ହେବା ଉଚିତ ।

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଉପଭୋକ୍ତାଜୀବୀମାନେ ସେମାନଙ୍କ ସଂଗଠନ ମାନଙ୍କରେ ସହଯୋଗ ବୃଦ୍ଧି କରିବା ଉଚିତ ।

ସ୍ଥାନୀୟ କାର୍ଯ୍ୟନିର୍ବାହୀ ଢାଞ୍ଚା ଯେ କି କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟକ୍ଷେତ୍ରକୁ ଫଳପ୍ରଦ ପରିଚାଳନା କରାଇଥାଏ, ତାହାକୁ ରାଷ୍ଟ୍ରଗୁଡିକ ପ୍ରୋତ୍ସାହିତ କରିବା ଉଚିତ । ଅନ୍ତରାଷ୍ଟ୍ରୀୟ, ଆଞ୍ଚଳିକ ଏବଂ ଉପ-ଆଞ୍ଚଳିକ ସହଯୋଗ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଦୀର୍ଘସ୍ଥାୟିତ୍ୱକୁ ବଜାୟୀ ରଖିବା ପାଇଁ ଆବଶ୍ୟକ ହୋଇଥାଏ ।



## ୧୧. ସୂଚନା, ଗବେଷଣା ଏବଂ ଯୋଗାଯୋଗ:

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଦୀର୍ଘସ୍ଥାୟୀ ପରିଚାଳନା ନିମନ୍ତେ ଆବଶ୍ୟକ ନିଷ୍ପତ୍ତି ନିର୍ଦ୍ଧାରଣ ପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ ଦିଗରେ ରାଷ୍ଟ୍ରଗୁଡିକ ସ୍ୱଚ୍ଛ ପଦ୍ଧତି ସ୍ଥାପନ କରିବା ଉଚିତ। ଉପଯୋଗୀ ନୀତି ନିର୍ଦ୍ଧାରଣ ପାଇଁ ଯୋଗାଯୋଗ ଏବଂ ସୂଚନା ଆବଶ୍ୟକ ହୋଇଥାଏ। ରାଜ୍ୟ ଗୁଡିକ ଦୁର୍ନୀତି ବନ୍ଦ କରିବା ସହ ସ୍ୱଚ୍ଛତା ବୃଦ୍ଧି ଦିଗରେ ନୀତି ନିର୍ଦ୍ଧାରକମାନଙ୍କୁ ଉତ୍ତରଦାୟୀ କରାଇବାକୁ ପ୍ରୟାସ କରିବା ଉଚିତ।

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଗୋଷ୍ଠୀମାନେ ଜ୍ଞାନର ଧାରକ, ପ୍ରଦାନକାରୀ ଏବଂ ଗ୍ରହଣକାରୀ ଅଟନ୍ତି। ଦାୟିତ୍ୱବାନ୍ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଙ୍କ ପାଇଁ ଆବଶ୍ୟକ ସୂଚନା ସେମାନଙ୍କର ଦୀର୍ଘସ୍ଥାୟିତ୍ୱ ବିକାଶ ପାଇଁ ଉପଲବ୍ଧ ହେବା ଉଚିତ। କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀଗୋଷ୍ଠୀଙ୍କ ଜ୍ଞାନ, ସଂସ୍କୃତି, ପ୍ରଥା ଏବଂ କୌଶଳକୁ ମାନ୍ୟତା ପ୍ରଦାନ ସହିତ ତାହା ଲିପିବଦ୍ଧ କରାଯିବା ଉଚିତ।

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟଜୀବୀ ଗୋଷ୍ଠୀ ବିଶେଷତଃ ସ୍ଥାନୀୟ ଅଧିବାସୀ ଏବଂ ଜୀବନ ନିର୍ବାହ ପାଇଁ ମାଛଧରାକୁ ନିର୍ଭର କରୁଥିବା ମହିଳାଙ୍କୁ ରାଷ୍ଟ୍ରଗୁଡିକ ସହାୟତା କରିବା ଉଚିତ। ପ୍ରଚଳିତ ଏବଂ ଉପଯୁକ୍ତ ସଂସ୍ଥାନ ଏବଂ ଗୋଷ୍ଠୀ ମଧ୍ୟରେ ଯୋଗସୂତ୍ର ରାଷ୍ଟ୍ରୀୟ ଏବଂ ଗୋଷ୍ଠୀ ମଧ୍ୟରେ ଯୋଗ ସୂତ୍ର ରାଷ୍ଟ୍ରୀୟ ଏବଂ ତତ୍ତୁର୍ଦ୍ଧ ସ୍ତରରେ ଗତିଶୀଳତା ବିସ୍ତାର ପାଇଁ ଏବଂ ସୂଚନା ଆଦାନ ପ୍ରଦାନ ପାଇଁ ଆବଶ୍ୟକ ହୋଇଥାଏ।

କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରରେ ଗବେଷଣା ନିମନ୍ତେ ରାଷ୍ଟ୍ରଗୁଡିକ ଅର୍ଥରାଶି ଉପଲବ୍ଧ କରାଇବା ସହ ସହଯୋଗ ଓ ସହଭାଗିତା କ୍ରମେ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କରାଯିବାକୁ ପ୍ରୋତ୍ସାହିତ କରିବା ଉଚିତ।

ବିବିଧ ବାସ୍ତବସ୍ଥିତି ଉପରେ ଲିଙ୍ଗଗତ ସମ୍ପର୍କ ପରିପ୍ରେକ୍ଷୀରେ ସଠିକ୍ ପ୍ରଣାଳୀରେ ଗବେଷଣାକୁ ପ୍ରୋତ୍ସାହିତ କରାଯିବା ଉଚିତ ଯାହାକି ମତ୍ସ୍ୟକ୍ଷେତ୍ରର ପୁରୁଷ ଓ ମହିଳାଙ୍କୁ ନ୍ୟାୟ ସଙ୍ଗତ ଲାଭ ପ୍ରଦାନ କରିବାକୁ ସୁନିଶ୍ଚିତ କରିବ। କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ରର ଭୂମିକାକୁ ମାନ୍ୟତା ଦେବା ସହ ମତ୍ସ୍ୟ ଆହାର ଜନିତ ପୁଷ୍ଟିକାରୀତା ବିଷୟରେ ସଚେତନତା ବୃଦ୍ଧି କରାଯିବା ଉଚିତ। ଉପଭୋକ୍ତା ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ରଗୁଡିକ ମତ୍ସ୍ୟକ୍ରୟକୁ ପ୍ରୋତ୍ସାହିତ କରିବା ଉଚିତ।

## ୧୨. ସାମର୍ଥ୍ୟ ବିକାଶ:

ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଭାଗ ନେବାକୁ ସାମର୍ଥ୍ୟ ବୃଦ୍ଧି କରାଯିବା ଉଚିତ। କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟଜୀବୀଙ୍କୁ ବଜାର ସୁଯୋଗର ଲାଭ ପାଇବାକୁ ସାମର୍ଥ୍ୟ ବୃଦ୍ଧି କରାଯିବାକୁ ରାଷ୍ଟ୍ର ସହାୟତା କରିବା ଉଚିତ।

ଉଭୟ ପକ୍ଷରେ ସାମର୍ଥ୍ୟର ବିକାଶ କରାଯିବା ଉଚିତ। ଦୀର୍ଘସ୍ଥାୟୀ ବିକାଶ ସହାୟତା ନିମନ୍ତେ ଜ୍ଞାନ ଏବଂ ଦକ୍ଷତାର ବିକାଶ କରାଯିବା ସହିତ ସହଯୋଗ ଦ୍ୱାରା ପରିଚାଳନା ବ୍ୟବସ୍ଥାକୁ ସଫଳ କରାଯିବା ଉଚିତ।



# ୧୩. କାର୍ଯ୍ୟାନ୍ୱୟନ୍ ସହାୟତା ଏବଂ ପର୍ଯ୍ୟବେକ୍ଷଣ


ସମସ୍ତ ପକ୍ଷମାନେ କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ମାର୍ଗଦର୍ଶିକା କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ ।

ଏହି ମାର୍ଗଦର୍ଶିକାକୁ କାର୍ଯ୍ୟକାରୀ ନିମନ୍ତେ ମିଳିତ ଜାତିସଂଘ ଏବଂ ଏହିପରି ସ୍ୱତନ୍ତ୍ର ପ୍ରତିନିଧି ସଂସ୍ଥା ସ୍ୱେଚ୍ଛାମୂଳକ ଉଦ୍ୟମକୁ ସହାୟତା କରିବା ଉଚିତ ।

ଏହି ମାର୍ଗଦର୍ଶିକା ବିଷୟରେ ସଚେତନତା ସୃଷ୍ଟି ଏବଂ ଏହାକୁ ଭାଗଭାଗ କରି ସରଳ ଭାବେ ଏବଂ ଅନୁଶୀଳନ ବାକ୍ୟରେ କରାଯିବାକୁ ରାଷ୍ଟ୍ର ଏବଂ ଅନ୍ୟ ସମସ୍ତ ପକ୍ଷ ଏକତ୍ର ଭାବେ ନିଶ୍ଚିତ କାର୍ଯ୍ୟକରିବା ଉଚିତ ।

ପର୍ଯ୍ୟବେକ୍ଷଣ ପ୍ରକ୍ରିୟାର ଗୁରୁତ୍ୱକୁ ମାନ୍ୟତା ଦେବା ଉଚିତ । କ୍ଷୁଦ୍ରଶ୍ରେଣୀ ମତ୍ସ୍ୟକ୍ଷେତ୍ର ଗୋଷ୍ଠୀର ବିଧି ସଙ୍ଗତ ପ୍ରତିନିଧିମାନେ ଉଭୟ ବିକାଶ ଦିଗରେ ଏବଂ କାର୍ଯ୍ୟାନ୍ୱୟନ୍ ପଦ୍ଧତିର ବିନିଯୋଗରେ ମାର୍ଗଦର୍ଶିକା ନିମନ୍ତେ ଏବଂ ସେମାନଙ୍କ ପର୍ଯ୍ୟବେକ୍ଷଣ ସମ୍ପୃକ୍ତ ରହିବା ଉଚିତ ।

ବିଶ୍ୱସ୍ତରୀୟ ସହାୟତା କାର୍ଯ୍ୟକ୍ରମର ବିକାଶ ନିମନ୍ତେ ଖାଦ୍ୟ ଓ କୃଷି ସଂଗଠନ ପ୍ରୋତ୍ସାହନ ଓ ସହାୟତା କରିବା ଉଚିତ ।





ଖାଦ୍ୟ ସୁରକ୍ଷା ଏବଂ ଗରୀବ ମୂଲ୍ୟାୟନ ପ୍ରସଙ୍ଗରେ କ୍ଷୁଦ୍ର ଶ୍ରେଣୀ ମତ୍ସ୍ୟକ୍ଷେତ୍ର ନିମନ୍ତେ ସ୍ୱେଚ୍ଛାକୃତ ମାର୍ଗଦର୍ଶିକାର ସମସ୍ତ ବିଷୟବସ୍ତୁ http://www.fao.org/fishery/topic/18240/en ରେ ଉପଲବ୍ଧ ଅଛି ।

ଏହି ପ୍ରକାଶନରେ ଉଲ୍ଲିଖିତ ତଥ୍ୟ ଓ ବିଷୟବସ୍ତୁ କୌଣସି ଦେଶ, ସହର, ଅଞ୍ଚଳ, ସୀମା, ପରିସର କିମ୍ବା କର୍ତ୍ତୃପକ୍ଷଙ୍କ ଆଇନଗତ କିମ୍ବା ବିକାଶ ସ୍ଥିତି ସମ୍ବନ୍ଧରେ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ମତାମତ ନୁହେଁ ।

ବମ୍ବଲ ପରିଯୋଜନା ଏବଂ ଆଇ. ସି. ଏସ୍. ଏଫ୍. ଅନୁଧ୍ୟାନ, ଗବେଷଣା, ସମ୍ବାଦ ପରିବେଷଣ, ସମାଲୋଚନା ପାଇଁ ଏହି ରିପୋର୍ଟର ବ୍ୟବହାର ଉତ୍ସାହିତ କରେ । ଏହି ଉଦ୍ଦେଶ୍ୟରେ ମୂଳଲେଖାକୁ ସ୍ୱୀକାର କରି ରିପୋର୍ଟରେ ସ୍ଥାନିତ ଅନୁଚ୍ଛେଦ, ଟେବୁଲ, ଚିତ୍ର, ନକ୍ସାର ପୁନଃ ପ୍ରକାଶନ କରାଯାଇପାରେ । ରିପୋର୍ଟର ବ୍ୟାପକ ଉଦ୍ଧୃତି କିମ୍ବା ସମଗ୍ର ଦସ୍ତାବେଜର ପୁନଃ ପ୍ରକାଶନ ବମ୍ବଲ ପରିଯୋଜନାର ଆଞ୍ଚଳିକ ଅଧିକାରୀଙ୍କ କିମ୍ବା ଆଇ. ସି. ଏସ୍. ଏଫ୍. ର ଲିଖିତ ଅନୁମତି ବିନା ବର୍ଜନୀୟ ।

Food and Agriculture Organization of the United Nations

gef

Norad

SWEDEN



International Collective in Support of Fishworkers (ICSF)
27 College Road, Chennai 600 006, India

ISBN 978 93 80802 48 0